# ଶ୍ରୀମନ୍ଦିର ସମାଚାର

# SHREE JAGANNATH TEMPLE BULLETIN

SHREE JAGANNATHA TEMPLE ADMINISTRATION
Puri, Odisha

ଅପ୍ରେଲ - ୨୦୨୨ APRIL - 2022


## ଶ୍ରୀମନ୍ଦିରରେ ଅକ୍ଷୟ ତୃତୀୟା

ଭାରତୀୟ ସଂସ୍କୃତିରେ ବୈଶାଖ ଶୁକ୍ଳ ତୃତୀୟା, ଅକ୍ଷୟ ତୃତୀୟା ରୂପେ ସ୍ୱୀକୃତ । ଏହି ତିଥିରେ ସ୍ନାନ, ଦାନ, ଜପ, ତପ, ଧ୍ୟାନ ଏବଂ ହୋମ ଆଦି କଲେ ଅକ୍ଷୟ ପୁଣ୍ୟଫଳ ଲାଭ ହୁଏ । ଭାରତୀୟ କାଳଗଣନା ଅନୁସାରେ ଚାରୋଟି ସ୍ୱୟଂସିଦ୍ଧ ଅଭିଜିତ୍ ମୁହୂର୍ତ୍ତ ହେଲେ ଚୈତ୍ରଶୁକ୍ଳ ପ୍ରତିପଦା, ଅକ୍ଷୟ ତୃତୀୟା, ଦଶହରା ଏବଂ ଦୀପାବଳି ପୂର୍ବର ପ୍ରଦୋଷ କାଳ । ସେଗୁଡ଼ିକରେ ସମସ୍ତ ଶୁଭ କାର୍ଯ୍ୟର ଅନୁକୂଳ କରାଯାଇଥାଏ । ଗୃହାରମ୍ଭ, ପ୍ରତିଷ୍ଠା, ଗୃହ ପ୍ରବେଶ ଠାରୁ ଆରମ୍ଭ କରି ଦେବତା ବିଗ୍ରହ ନିର୍ମାଣ, ପ୍ରତିଷ୍ଠା, ବାଣିଜ୍ୟ ବ୍ୟବସାୟ ମଧ୍ୟ ଆରମ୍ଭ ହୋଇଥାଏ । ଭବିଷ୍ୟ ପୁରାଣ ବଚନ ଅନୁସାରେ ସତ୍ୟ ଯୁଗର ପ୍ରାରମ୍ଭ ହୋଇଥିବାରୁ ଏହାକୁ ଯୁଗାଦିତିଥି କୁହାଯାଏ । ଏହି ଶୁଭ ତିଥିରେ ନରନାରାୟଣ, ଚିରଜୀବୀ ପରଶୁରାମ ଏବଂ ବିଦ୍ୟାବତାର ଭଗବାନ ହୟଗ୍ରୀବଙ୍କର ଆବିର୍ଭାବ ହେତୁ ସେମାନଙ୍କର ଜୟନ୍ତୀ ପାଳନ କରାଯାଏ । ଉକ୍ତଦିନ ବଦ୍ରୀନାରାୟଣଙ୍କ ଦ୍ୱାରୋନ୍ମୋଚନ, ବୃନ୍ଦାବନ ବିହାରୀଙ୍କ ପାଦଦର୍ଶନ, ବୁନ୍ଦେଲଖଣ୍ଡରେ ତୃତୀୟା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀମାନଙ୍କର ବ୍ରତାଚରଣ, ଉତ୍ତର-ପ୍ରଦେଶରେ ଗଙ୍ଗାସ୍ନାନ, ଆଖୁ ରସରୁ ପ୍ରସ୍ତୁତ ମିଷ୍ଟାନ୍ନ, ତରଭୁଜ ଆଦି ଦେବତାମାନଙ୍କୁ ଭୋଗ କରାଯାଇ ଦାନ କରିବାର ବିଧାନ ରହିଛି । ମତ୍ସ୍ୟପୁରାଣ ଅନୁସାରେ ବ୍ରହ୍ମଲୋକରୁ ଭଗବାନ ବିଷ୍ଣୁ ପତିତପାବନୀ ଗଙ୍ଗାଙ୍କୁ ଏହି ତିଥିରେ ଧରାପୃଷ୍ଠକୁ ଆଣି ଶସ୍ୟ ଉତ୍ପନ୍ନ ନିମିତ୍ତ ଯବଧାନ ଭୂମିରେ ବପନ କରିଥିଲେ । ସେହି ପରମ୍ପରାରେ କୃଷିଜୀବୀମାନେ ଧାନ୍ୟକ୍ଷେତ୍ରରେ ଅକ୍ଷିମୁଠି ପ୍ରୟୋଗ କରିଥାନ୍ତି । ଏହି ଦିନଟିରେ ମା'ମାନେ ସେମାନଙ୍କ ସନ୍ତାନ ମାନଙ୍କର ଦୀର୍ଘ ନିରାମୟ ଜୀବନ କାମନା କରି ଷଷ୍ଠୀ ଦେବୀଙ୍କୁ ମାଟିର ଘଡ଼ି ପଥୁଲିରେ ଚୁଡ଼ାଭଜା, ଖଣ୍ଡଶାକର, କଦଳୀ, ମିଠା, ଲଡ୍ଡୁ ଆଦି ପୂଜା କରି ପିଲାମାନଙ୍କୁ ବଣ୍ଟନ କରନ୍ତି ।



ଶ୍ରୀମନ୍ଦିରରେ ଉକ୍ତ ଦିନଟି ଅତୀବ ମହତ୍ତ୍ୱପୂର୍ଣ୍ଣ ଅଟେ । 'ଯଥା ଦେହେ ତଥା ଦେବେ' ନ୍ୟାୟରେ ଶ୍ରୀବିଗ୍ରହମାନଙ୍କୁ ପ୍ରଚଣ୍ଡ ଗ୍ରୀଷ୍ମ ତାପରୁ ରକ୍ଷା ନିମିତ୍ତ ଅକ୍ଷୟ ତୃତୀୟା ଠାରୁ ଉପଚାର ଆରମ୍ଭ ହୋଇଥାଏ । ଚନ୍ଦନଲାଗି, ଆଲଟଲାଗି, ଚାମରଲାଗି, ପଣାଭୋଗ ଆଦି ୪୨ ଦିନ ପର୍ଯ୍ୟନ୍ତ କରାଯାଏ । ତନ୍ମଧ୍ୟରେ ୨୧ଦିନ ବାହାର ଚନ୍ଦନ ଏବଂ ପରବର୍ତ୍ତୀ ୨୧ ଦିନ ଭିତର ଚନ୍ଦନ ଅନୁଷ୍ଠିତ ହୋଇଥାଏ । ଅକ୍ଷୟ ତୃତୀୟାର ପୂର୍ବ ରାତ୍ରରୁ ରୂପା ପିଙ୍ଗଣରେ ଭୋଗମଣ୍ଡପରେ ସୁରକ୍ଷିତ ସୁବାସିତ, ସୁଶୀତଳ ଚନ୍ଦନକୁ ସକାଳଧୂପ, ମଇଲମ ଏବଂ ମହାସ୍ନାନ ଉତ୍ତାରୁ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ଶ୍ରୀମନ୍ଦିରକୁ ତିନିଥର ପରିକ୍ରମଣ କଲାପରେ ପିଙ୍ଗଣଗୁଡ଼ିକୁ ରତ୍ନସିଂହାସନ ଉପରେ ସ୍ଥାପନ କରାଯାଏ । ପୂଜାପଣ୍ଡା, ପୁଷ୍ପାଳକ ଓ ପତିମହାପାତ୍ର ସେବକଙ୍କ ଦ୍ୱାରା ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗରେ ଚନ୍ଦନଲାଗି ପରେ ମାଳଫୁଲ ଆଦି ଲାଗି କରାଯାଏ । ଶୀତଳ ଚନ୍ଦନ ଉପଚାର ସହ ମହାପ୍ରଭୁଙ୍କର ଜଳକ୍ରୀଡ଼ା ନିମିତ୍ତ ୨୧ ଦିନ ଚନ୍ଦନ ସରୋବରକୁ ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମ, କୃଷ୍ଣ ପ୍ରତିନିଧି ବିଗ୍ରହମାନଙ୍କର ଯାତ୍ରାରମ୍ଭ ହୁଏ । ଏହା ସହିତ ଅତି ଆଡ଼ମ୍ବରରେ ତିନିଖଣ୍ଡ ଆଜ୍ଞାମାଳକୁ ଶ୍ରୀଅଙ୍ଗ ଭଳି ଜ୍ଞାନ କରି ତିନିଜଣ ପୂଜାପଣ୍ଡା ସାମନ୍ତ ହସ୍ତରେ ଧାରଣ କରି ଆଗେ ଆଗେ ରଥଖଳା ପର୍ଯ୍ୟନ୍ତ ଯାଇ ବର୍ଦ୍ଧକୀମାନଙ୍କୁ ଦିଅନ୍ତି ।


ସମସ୍ତ ଶୁଭକାର୍ଯ୍ୟର ଅନୁକୂଳ ନିମିତ୍ତ ପ୍ରଶସ୍ତ ଏହି ତିଥିରେ ରଥଯାତ୍ରାର ପ୍ରଥମ ପାଦ ରଥ ନିର୍ମାଣର ଶୁଭ ଅନୁକୂଳ କରାଯାଇଥାଏ । ତିନିରଥ ଉଦ୍ଦେଶ୍ୟରେ ତିନି ରଥର ମୁଖ୍ୟ ବର୍ଦ୍ଧକୀମାନଙ୍କ ଦ୍ୱାରା ତିନି ଖଣ୍ଡ କାଷ୍ଠରେ ଅସ୍ତ୍ରସ୍ପର୍ଶ ପୂର୍ବକ ନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ କରାଯାଇଥାଏ ।

ସେହି ସମୟରେ ଚନ୍ଦନ ଯାତ୍ରା ଉପଲକ୍ଷ୍ୟେ ପ୍ରତିନିଧି ବିଗ୍ରହମାନେ ବିମାନ ଓ ପାଲିଙ୍କିରେ ଶ୍ରୀନହର ସମ୍ମୁଖରେ ବିଜେ ହୋଇଥାନ୍ତି । ଦେଉଳ ପୁରୋହିତମାନଙ୍କ ଦ୍ୱାରା ରଥ ଅନୁକୂଳ ହୋମ ପରେ ପଡ଼ିଆ କରଣ ରଥ ବର୍ଦ୍ଧକୀମାନଙ୍କ ମସ୍ତକରେ ଶାଢ଼ୀ ବାନ୍ଧି ଥାଆନ୍ତି । ରଥ ନିର୍ମାଣ ଅନୁକୂଳ ବଢ଼ିବା ପରେ ବିଜେ ପ୍ରତିମାମାନଙ୍କୁ ବିମାନ ଓ ପାଲିଙ୍କିରେ ଏବଂ ସେମାନଙ୍କ ପଶ୍ଚାଦ୍ ଭାଗରେ ପାଞ୍ଚୋଟି ସ୍ୱ ସ୍ୱ ବିମାନରେ ପଞ୍ଚୁପାଣ୍ଡବ ରୂପେ ଅଭିହିତ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେୟ, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠ ନରେନ୍ଦ୍ର ସରୋବରରେ ଚାପଯାତ୍ରା ନିମିତ୍ତ ବିଜେ କରନ୍ତି । ସେଠାରେ ଜଳକ୍ରୀଡ଼ା ପରେ ବିଗ୍ରହମାନଙ୍କୁ ଜଳକୁଣ୍ଡରେ ନିମଜ୍ଜିତ କରାଯାଏ । ସେଠାରେ ଦିନ ଚାପ ଓ ରାତ୍ରି ଚାପରେ ଜଳକ୍ରୀଡ଼ା ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ଅନୁଷ୍ଠିତ ହୁଏ ।


*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ-ସମ୍ପାଦକ- ଶ୍ରୀ ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ*

*ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*


## ନୂତନ ମୁଖ୍ୟ ପ୍ରଶାସକଙ୍କ ଦାୟିତ୍ୱ ଗ୍ରହଣ



ଶ୍ରୀମନ୍ଦିରର ନୂତନ ମୁଖ୍ୟ ପ୍ରଶାସକ ଭାବରେ ବରିଷ୍ଠ ଆଇ.ଏ.ଏସ୍. ଅଧିକାରୀ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ ତା. ୬.୪.୨୦୨୨ରିଖ ବୁଧବାର ପୂର୍ବାହ୍ଣରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀମନ୍ଦିରର ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ମୁଖ୍ୟ ପ୍ରଶାସକଙ୍କୁ ସ୍ୱାଗତ କରିଥିଲେ ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଅଶୋକାଷ୍ଟମୀ :

ତା ୯.୪.୨୨ ରିଖ ଶନିବାର ଅଶୋକାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ସକାଳଧୂପ ସରିଲା ପରେ ଭଣ୍ଡାରରୁ ଶ୍ରୀଲୋକନାଥ ଦେବଙ୍କୁ ମହାଜନମାନେ ଝୁଲଣ ମଣ୍ଡପ ସମୀପରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ । ସେଠାରୁ ପାଲିଙ୍କି ଉତ୍ତର ଦ୍ୱାରସ୍ଥ ଶ୍ରୀଈଶାନେଶ୍ୱର ମନ୍ଦିର ନିକଟରେ ବିଜେ ହୋଇଥିଲେ । ପୂର୍ବରୁ ପାଳିଆ ଖୁଣ୍ଟିଆ ଧରିଥିବା ଅମୁଣିଆ ମାଳକୁ ଭିତରଚ୍ଛ ମହାପାତ୍ର ଶ୍ରୀଈଶାନେଶ୍ୱରଙ୍କୁ ଲାଗି କଲା ପରେ ଉକ୍ତ ମାଳକୁ ଆଣି ଲୋକନାଥଙ୍କୁ ପ୍ରଦାନ କରିଥିଲେ । ଏହାପରେ ବିମାନବଡୁମାନେ ପାଲିଙ୍କିକୁ ସିଂହଦ୍ୱାର ଦେଇ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ବିଜେ କରାଇଥିଲେ । ସେଠାରେ 'ଅଶୋକା' ମଣୋହି ହୋଇ ବନ୍ଦାପନା ବଢ଼ି ସେଠାରୁ ବାହୁଡ଼ା ବିଜେ କରିଥିଲେ । ସୂଚନାଯୋଗ୍ୟ ଯେ ଏହି ଦିନ ଶ୍ରୀରାମ ଜନ୍ମର ପୂର୍ବଦିନ ହେତୁ ସଂଧ୍ୟାଧୂପ ସରିଲାପରେ ପାଣିପଡ଼ି 'ଜେଉଡ଼ ଭୋଗ' ଡାକିଯାଇଥିଲା । ଛେକ ଆସିଲା ପରେ ୩ଜଣ ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ପଞ୍ଚୋପଚାରରେ ମଣୋହି ହୋଇଥିଲା । ଭୋଗ ବାହାରି ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ତିନି ବାଡ଼ରେ ବନ୍ଦାପନା ହୋଇଥିଲା । ଗର୍ଭଉଦକ ନିମନ୍ତେ ମହାପ୍ରଭୁଙ୍କ ବାଡ଼ରେ ଅଧିକ ଏକ ବନ୍ଦାପନା ହୋଇଥିଲା ।



## ଶ୍ରୀମନ୍ଦିରରେ ଶ୍ରୀରାମନବମୀ :

ତା ୧୦.୪.୨୨ ରିଖ ରବିବାର ଶ୍ରୀରାମନବମୀ ତଥା ଶ୍ରୀରାମଜନ୍ମ ନୀତି ଅବସରରେ ମଧ୍ୟାହ୍ନ ଧୂପ ଉଠିଲା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା । ଶୁଦ୍ଧସୁଆର ପୋଛ ମାରିବା ପରେ ପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ 'ଜନ୍ମମଣ୍ଡଳ' କାଟିଥିଲେ । ମଧ୍ୟାହ୍ନ ଧୂପ ସରି ଦକ୍ଷିଣଘର ଭୋଗ ସରିଲା ପରେ ବିଜେ ପ୍ରତିମା ଶ୍ରୀରାମ ଦେବଙ୍କୁ ମହାଜନେ ସିଂହାସନକୁ ବିଜେ କରାଇଥିଲେ । ଏଠାରେ ମୁଦିରସ୍ତଙ୍କ ଦ୍ୱାରା ଧଣ୍ଡି ପ୍ରସାଦ ଲାଗି ଏବଂ ପ୍ରସାଦ ମଇଲମ ହୋଇଥିଲା । ପରେ ଆଜ୍ଞାମାଳ ପାଇ ରାମଦେବ ଜନ୍ମମଣ୍ଡଳକୁ ବିଜେ କରିଥିଲେ । ଏଠାରେ ଦୁଇ ଜଣ ମହାଜନ ଦଶରଥ, କୌଶଲ୍ୟା ଭାବରେ ଖଣ୍ଡୁଆ ଘୋଡ଼ାଇ ଏଠାରେ ଜନ୍ମବିଧି କରାଇଥିଲେ । କର୍ପୂର ଆଳତି, ବନ୍ଦାପନା ସରିବା ପରେ ପାଳିଆ ମହାସୁଆର ଗଣ୍ଡୁସ ମସଲା, କ୍ଷୀର ମଣୋହି ପାଇଁ ରଖନ୍ତେ ପଣ୍ଡା ଜନ୍ମବିଧାନ କରାଇ ପଇତା ଲାଗି କରିଥିଲେ । ପରେ ଶୀତଳ ଭୋଗ ହୋଇ ଜୟବିଜୟ ଦ୍ୱାରକୁ ରାମ ଦେବ ବିଜେ ହୋଇଥିଲେ । ସେଠାରେ ଚରୁଭାତ ମଣୋହି ପରେ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିଥିଲେ ।



## ଶ୍ରୀମନ୍ଦିରରେ ସୀତା ବିବାହ ଓ କାମଦା ଏକାଦଶୀ :

ତା ୧୨.୪.୨୨ ରିଖ ମଙ୍ଗଳବାର ଚୈତ୍ର ଶୁକ୍ଳ ଏକାଦଶୀ ତିଥିରେ ଧୂପ ସରିଲା ପରେ ରାମ, ଲକ୍ଷ୍ମଣ, ସୀତା ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ହୋଇଥିଲେ । ଏହା ପରେ ଘଣ୍ଟ, ଛତା, ପଟୁଆରରେ ଜଗନ୍ନାବଲ୍ଲଭ ମଠକୁ ବିଜେ ହୋଇ ସେଠାରେ ପୂର୍ବରୁ ପଡ଼ିଥିବା ଖଟକୁ ବିଜେ କରିଥିଲେ । ଏହି ଠାରେ ହରଚଣ୍ଡି ସାହି ଲୋକେ ପରଶୁରାମ ପ୍ରସ୍ତାବ ଆଗତ କଲା ପରେ ଦିଅଁମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ବନବାସ ଓ କନ୍ଦର୍ପ ଅଧିବାସ :

ତା ୧୩.୪.୨୨ ରିଖ ବୁଧବାର ଚୈତ୍ର ଶୁକ୍ଳ ଦ୍ୱାଦଶୀରେ ସନ୍ଧ୍ୟାଧୂପ ସରିଲା ପରେ ରାମ, ଲକ୍ଷ୍ମଣ, ସୀତା ଆଜ୍ଞାମାଳ ପାଇ ପାଲିଙ୍କିରେ ଘଣ୍ଟଛତା କାହାଳୀ ପଟୁଆରରେ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ ହୋଇଥିଲେ । ସେଠାରେ ମାର୍କଣ୍ଡେଶ୍ୱର ସାହି ଲୋକେ ବନବାସ ପ୍ରସ୍ତାବ ଆଗତ କରିଥିଲେ । ପରେ ଶୀତଳ ଭୋଗ ହୋଇ ଦିଅଁ ବାହୁଡ଼ା ବିଜେ ହୋଇଥିଲେ । ଅନ୍ୟାନ୍ୟ ନୀତି ହୋଇ ଚନ୍ଦନ ଲାଗି ବଢ଼ିଲା ପରେ ଦକ୍ଷିଣ ଘରେ ଚିତ୍ରକର ଦେଇଥିବା କନ୍ଦର୍ପ ପଟିକୁ ପୂଜାପଣ୍ଡା ମହାସ୍ନାନ, ଭୋଗ ଓ ବନ୍ଦାପନା କରି ଅଧିବାସ କରିଥିଲେ ।

## ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ :

ତା ୧୪.୪.୨୨ ରିଖ ଗୁରୁବାର ମହାବିଷୁବ ସଂକ୍ରାନ୍ତି ନିମନ୍ତେ ଦୈନନ୍ଦିନ ନୀତି ପ୍ରକାରେ ମଙ୍ଗଳ ଆଳତି, ଅବକାଶ ନୀତି ବଢ଼ି ସକାଳ ଧୂପ ସରିବା ପରେ ଦକ୍ଷିଣ ଘରୁ ଶ୍ରୀହନୁମାନ ସିଂହାସନକୁ ବିଜେ ହୋଇ ସକାଳ ଧୂପ ବେଶରେ ଲାଗି ହୋଇଥିବା ଆଜ୍ଞାମାଳ ପ୍ରାପ୍ତ ହୋଇ ବିମାନକୁ ବିଜେ କରିଥିଲେ । ଏହାପରେ ପୂଜାପଣ୍ଡା ହାତରେ ଆଣିଥିବା ଆଜ୍ଞାମାଳ ଘରି ଦ୍ୱାରରେ ବିରାଜମାନ କରିଥିବା ମହାବୀର ଏବଂ ବାରଭାଇ ହନୁମାନଙ୍କୁ ଦେଇ ଫେରିବା ପରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ଜଗନ୍ନାଥବଲ୍ଲଭ ମଠକୁ ଶ୍ରୀହନୁମାନ ବିଜେ କରିଥିଲେ । ସେଠାରେ ଥିବା ମହାବୀରଙ୍କୁ 'ଆଜ୍ଞାମାଳ' ଦିଆଯିବା ପରେ ଦରିଆ ମହାବୀରଙ୍କ ନିକଟକୁ 'ଆଜ୍ଞାମାଳ' ଯାଇଥିଲା । ସେଠାରୁ ଶ୍ରୀହନୁମାନ ଫେରିବାରେ ମଠରେ ଭୋଗ, ବନ୍ଦାପନା ବଢ଼ି ବାହୁଡ଼ା ବିଜେ ହୋଇଥିଲା । ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିଲା ପରେ ମହାସ୍ନାନ ହୋଇ ନୂଆଲୁଗା ଲାଗି ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଚନ୍ଦନ ଆଣି ସର୍ବାଙ୍ଗ ଲାଗି କରିବାରେ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡ଼ି ଭୋଗ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ମଧ୍ୟାହ୍ନ ଧୂପ ପୂଜା ବସି ଟେରା ପଡ଼ିବାରେ ଜଣେ ପୂଜାପଣ୍ଡା, ପତ୍ରିବଡୁ, ଗରାବଡୁ ଓ ରୋଷ ପାଇକ ବଳିଅନ୍ନକୁ ଆଣି ମନ୍ଦିର ଘରିପାର୍ଶ୍ୱରେ ଦିଗବଳୀ ଦେଲା ପରେ ଭିତରକୁ ଯାଇ ଭୋଗ ସମାପନ କରିଥିଲେ ଏବଂ ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ବନ୍ଦାପନା କରିଥିଲେ ।



## ଶ୍ରୀମନ୍ଦିରରେ ଲଙ୍କା ପୋଡ଼ି ଓ ଚୈତ୍ର ପୂର୍ଣ୍ଣମୀ :

ତା ୧୬.୪.୨୨ ରିଖ ଶନିବାର ଚୈତ୍ର ପୂର୍ଣ୍ଣମୀ ଉପଲକ୍ଷେ ସନ୍ଧ୍ୟା ଧୂପ ସରିଲା ପରେ ରାମ ଲକ୍ଷ୍ମଣ ଆଜ୍ଞାମାଳ ପାଇ ଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ । ସେଠାରେ ଦୋଳମଣ୍ଡପ ସାହି ଲୋକେ 'ଲଙ୍କା ପୋଡ଼ି' ପ୍ରସ୍ତାବ ଆଗତ କଲା ପରେ ଦିଅଁମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୧) ଶ୍ରୀମଦନମୋହନ

ଶ୍ରୀମନ୍ଦିରରେ କାର୍ତ୍ତିକ ମାସ ଶୁକ୍ଳ ଦ୍ୱାଦଶୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କର ଶରତରାସ ଅନୁଷ୍ଠିତ ହୋଇଥାଏ । ଏହି ଦିନମାନଙ୍କରେ ସନ୍ଧ୍ୟାଧୂପ ନୀତି ଶେଷ ହେବାପରେ ଶ୍ରୀମଦନମୋହନ ଶ୍ରୀଜଗନ୍ନାଥଙ୍କ ଠାରୁ ଆଜ୍ଞାମାଳ ପାଇ ଶରତରାସ ନିମନ୍ତେ ଜଗମୋହନର ଖଟ ଉପରେ ବିଜେ କରିଥାନ୍ତି । ଏଠାରେ ଭୋଗ, ବନ୍ଦାପନା ନୀତି ଶେଷ ହେବା ପରେ ଶ୍ରୀମଦନମୋହନ ବାହୁଡ଼ା ବିଜେରେ ଦକ୍ଷିଣି ଘରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।



ଆଶ୍ୱିନ ମାସ ପୂର୍ଣ୍ଣିମା ଦିନ ସନ୍ଧ୍ୟାଧୂପ ସରି ପାଣି ପଡ଼ିଲେ ଦକ୍ଷିଣି ଘରୁ ଶ୍ରୀମଦନମୋହନ ରତ୍ନସିଂହାସନକୁ ବିଜେ କରନ୍ତି । ପୂଜାପଣ୍ଡା ଶ୍ରୀମଦନମୋହନ ଓ ଶ୍ରୀଦେବୀଙ୍କୁ ଆଜ୍ଞାମାଳ ଦେବାପରେ ମହାଜନମାନେ ହାତରେ ଠାକୁର ଠାକୁରାଣୀଙ୍କୁ ଆଣି ସାତପାହାଚ ନିକଟରେ ଥିବା ପାଲିଙ୍କିରେ ବିଜେ କରାନ୍ତି । ବାହାର କୁଆଁର ନିମନ୍ତେ ବିମାନବଡୁମାନେ ପାଲିଙ୍କି ନେଇ ମହାଲକ୍ଷ୍ମୀଙ୍କ ମନ୍ଦିର ନିକଟକୁ ଯାଆନ୍ତି । ଠାକୁର ଠାକୁରାଣୀ ମହାଲକ୍ଷ୍ମୀଙ୍କ ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ କରନ୍ତି । ସେଠାରେ ମହାପ୍ରଭୁଙ୍କ ପ୍ରତିନିଧି ମୁଦିରସ୍ତ ଓ ଶ୍ରୀଦେବୀଙ୍କ ପ୍ରତିନିଧି ଭିତରଛ ମହାପାତ୍ର ଉଭୟଙ୍କ ମଧ୍ୟରେ କଉଡ଼ି, ପଶା ଓ ଶକଟା ଖେଳମାନ ଅନୁଷ୍ଠିତ ହୋଇଥାଏ । ଏସବୁ ସରିଲେ ଶୀତଳ ମଣୋହି ବଢ଼ି ଉଭୟ ଦେବଦେବୀଙ୍କର ବାହୁଡ଼ା ବିଜେ ଅନୁଷ୍ଠିତ ହୋଇଥାଏ । ଶ୍ରୀଦେବୀ ରତ୍ନସିଂହାସନକୁ ଓ ଶ୍ରୀମଦନମୋହନ ଦକ୍ଷିଣି ଘରକୁ ଯାଇଥାନ୍ତି । ଏହାକୁ ବାହାର କୁମାର ଉତ୍ସବ କୁହାଯାଏ ।

ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀବାମନଦେବଙ୍କର ଜନ୍ମ ନୀତି ଅନୁଷ୍ଠିତ ହୋଇଥାଏ । ଏହି ଦିନ ମଧ୍ୟାହ୍ନ ଧୂପ ଉଠିଲେ ଜୟବିଜୟ ଦ୍ୱାର ବନ୍ଦ ହୁଏ । ଏହାପରେ ଭିତର ଚନ୍ଦନ ଅର୍ଗଳି ଠାରେ ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ଜନ୍ମ ମଣ୍ଡଳ କାଟନ୍ତି । ଯଥାବିଧି ବରୁଣପୂଜା ପରେ ଦକ୍ଷିଣିଘରେ ଭୋଗ ସରିବା ପରେ ମହାଜନେ ଶ୍ରୀମଦନମୋହନଙ୍କୁ ହାତରେ ବିଜେ କରାଇ ଭିତର ସିଂହାସନକୁ ନିଅନ୍ତି । ମୁଦିରସ୍ତ ଧଣ୍ଡିପ୍ରସାଦ ଶ୍ରୀଅଙ୍ଗରେ ଲାଗି କଲାପରେ ମହାଜନ ସେବକ ଠାକୁରଙ୍କୁ ସର୍ବତ୍ର ଭଦ୍ରମଣ୍ଡଳରେ ବିଜେ କରାନ୍ତି । ଏଠାରେ ବଣିଆ ଦେଇଥିବା ସୁନାର ଶ୍ରୀବାମନ ପ୍ରତିମା ବିଜେ କରନ୍ତି । ବିଧିମୁତାବକ ଶ୍ରୀବାମନ ଜନ୍ମ ବିଧି କର୍ମମାନ ଅନୁଷ୍ଠିତ ହୁଏ । ଖଣ୍ଡୁଆ ଘୋଡ଼ାଇ ପୋଥି ପାଠ ପ୍ରମାଣେ ଜନ୍ମବିଧି ସମ୍ପନ୍ନ ହେବା ପରେ କ୍ଷୀର, ଲହୁଣୀ, କୋରା ମଣୋହି ପଞ୍ଚୋପଚାର ବିଧିରେ ହୋଇଥାଏ । ଏହାପରେ ଶ୍ରୀମଦନମୋହନଙ୍କୁ ବଟ ଦ୍ୱାର ଦେଇ ସୋମନାଥ ମଣ୍ଡପ ଖଟ ଉପରେ ବିଜେ କରାଯାଏ । ଏହି ଦିନ ଭଣ୍ଡାରରୁ ରୂପାବଟାରେ ମା' ଦୁର୍ଗାଦେବୀଙ୍କୁ ପତିମହାପାତ୍ରେ ହାତରେ ବିଜେ କରାଇ ଆଣି ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ସୋମନାଥ ମଣ୍ଡପ ଖଟ ଉପରେ ବିଜେ କରାଇଥାନ୍ତି । ଯଥାବିଧି ପୂଜା ଉପଚାର ପରେ ଶ୍ରୀମଦମୋହନ ଦକ୍ଷିଣି ଘରକୁ ଓ ଦୁର୍ଗାଦେବୀ ଭଣ୍ଡାର ଘରକୁ ବିଜେ କରିଥାନ୍ତି ।

ଶ୍ରୀମନ୍ଦିରରେ ପ୍ରତ୍ୟେକ ଗୁରୁବାର ଦିନ ସକାଳଧୂପ ପରେ ମାଜଣା ନୀତି ଅନୁଷ୍ଠିତ ହୋଇଥାଏ । ପ୍ରତ୍ୟେକ ଗୁରୁବାର ମାଜଣା ମଣ୍ଡପ ଧୂଆ ହୁଏ ଓ ସେଠାରେ ଚାନ୍ଦୁଆ ବନ୍ଧା ଯାଇଥାଏ । ସକାଳଧୂପ ସରିବା ପରେ ୬ଜଣ ମହାଜନ ରତ୍ନସିଂହାସନରୁ ଶ୍ରୀଦେବୀ, ଭୂଦେବୀଙ୍କୁ ଓ ଦକ୍ଷିଣି ଘରୁ ଶ୍ରୀମଦନମୋହନଙ୍କୁ ଆଣି ମାଜଣା ମଣ୍ଡପରେ ବିଜେ କରାନ୍ତି । ସୁଦ୍ଧସୁଆର ସେବକ ଉପସ୍ଥିତ ରହି ମାଜଣା ନୀତିରେ ଆବଶ୍ୟକ ଦ୍ରବ୍ୟମାନ ଯୋଗାଇଥାନ୍ତି । ମହାଜନମାନେ ଠାକୁର ଠାକୁରାଣୀଙ୍କୁ ମାଜଣା କରି ଖଟ ଉପରେ ବସାଇଥାନ୍ତି । ଭିତରଛ ମହାପାତ୍ର ପ୍ରସାଦ (ଚନ୍ଦନ) ଲାଗି କରନ୍ତି । ତିନି ଓଳି ଦହି ଓ ତିନି ସରା କୋରା ଭୋଗ ସକାଶେ ରଖାଯାଏ । ପୂଜାପଣ୍ଡା ଭୋଗ ସାରିବା ପରେ ଭିତରଛ ମହାପାତ୍ର କର୍ପୂର ଆଳତି, ବଳିତା ଆଳତି ଓ ବନ୍ଦାପନା କରିଥାନ୍ତି । ଏହାପରେ ଦ୍ୱିପ୍ରହରଧୂପ ଛେକ ଆସିଲେ ମହାଜନମାନେ ଦୁଇ ଠାକୁରାଣୀଙ୍କୁ ରତ୍ନସିଂହାସନକୁ ଓ ଶ୍ରୀମଦନମୋହନଙ୍କୁ ଦକ୍ଷିଣି ଘରକୁ ବିଜେ କରାନ୍ତି ।

ଶ୍ରୀମନ୍ଦିର ପରମ୍ପରା ଅନୁସାରେ ପ୍ରତ୍ୟେକ ଗୁରୁବାର ଦିନ ରାତ୍ରିରେ ଏକାନ୍ତ ନୀତି ଅନୁଷ୍ଠିତ ହୋଇଥାଏ । ଏହି ଦିନ ସନ୍ଧ୍ୟାଧୂପ ପରେ ମହାଜନ ସେବକମାନେ ଦକ୍ଷିଣି ଘରୁ ଶ୍ରୀମଦନମୋହନଙ୍କୁ ନେଇ ରତ୍ନସିଂହାସନରେ ବିଜେ କରାଇଥାନ୍ତି । ପୂଜାପଣ୍ଡା ଶ୍ରୀଅଙ୍ଗ ଦକ୍ଷିଣଭୁଜରୁ ତୁଳସୀମିଶା ମାଳ ଆଣି ଶ୍ରୀମଦନମୋହନଙ୍କୁ ଓ ବାମଭୁଜରୁ ସାଦାମାଳ ଆଣି ଶ୍ରୀଦେବୀଙ୍କୁ ପ୍ରଦାନ କରନ୍ତି । ଏହାପରେ ମହାଜନ ସେବକମାନେ ଶ୍ରୀଦେବୀ ଓ ଶ୍ରୀମଦନମୋହନଙ୍କୁ ରତ୍ନସିଂହାସନରୁ ଆଣି ପାଲିଙ୍କିରେ ବିଜେ କରାଇଥାନ୍ତି । ବିମାନବଡୁମାନେ ପାଲିଙ୍କି ନେଇ ସରସ୍ୱତୀ ମନ୍ଦିର ସାମନା ନିଶା ନୃସିଂହଙ୍କ ନିକଟରେ ଓହ୍ଲାଇଥାନ୍ତି । ମହାଜନ ସେବକମାନେ ଉଭୟଙ୍କୁ ହାତରେ ବିଜେ କରାଇ ଦେବୀ ସରସ୍ୱତୀଙ୍କ ମନ୍ଦିର ଭିତରେ ପଶି ମହାଲକ୍ଷ୍ମୀଙ୍କ ଜଗମୋହନକୁ ଯାଇ ସେଠାରେ ପଡ଼ିଥିବା ଏକ କାଷ୍ଠ ନିର୍ମିତ ପଲଙ୍କ ଉପରେ ବିଜେ କରାନ୍ତି । ତାହାପରେ ଭିତରଛ ମହାପାତ୍ର ପ୍ରସାଦ ଲାଗି କରନ୍ତି । ସେଠାରେ ଯଥାବିଧି ଭୋଗ, କର୍ପୂର ଓ ବଳିତା ଆଳତି, ଅକ୍ଷତ ବନ୍ଦାପନା ପରେ ଉଭୟ ଠାକୁର ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ଗାରଦ ଘର ସାତପାହାଚ ଦେଇ ଗରୁଡ଼ଙ୍କ ସାମନା ଜଗମୋହନରେ ଓହ୍ଲାନ୍ତି । ଏହାପରେ ଶ୍ରୀମଦନମୋହନ ଦକ୍ଷିଣି ଘରକୁ ଓ ଶ୍ରୀଦେବୀ ରତ୍ନସିଂହାସନକୁ ବିଜେ ହୁଅନ୍ତି । କେତେକ ବିଶେଷ ତିଥିରେ ଗୁରୁବାର ଦିନ ଏକାନ୍ତ ନୀତି ଅନୁଷ୍ଠିତ ହୁଏ ନାହିଁ । (କ୍ରମଶଃ...)

*ଡଃ. ନରେଶ ଚନ୍ଦ୍ର ଦାଶ*
● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*



ତା. ୧୦.୪.୨୨ରେ ସାହିଯାତ ଅବସରରେ କାଳିକାଦେବୀ ସାହି ପକ୍ଷରୁ ପ୍ରଦର୍ଶିତ ନୃସିଂହ ମେଢ଼

# ଶ୍ରୀମନ୍ଦିରର ପରିଚାଳନା

ଶ୍ରୀମନ୍ଦିରର ନିର୍ମାଣକାଳରୁ ତାହାର ପରିଚାଳନା ଦାୟିତ୍ୱ ଓଡ଼ିଶାର ସାର୍ବଭୌମ ସମ୍ରାଟମାନଙ୍କ ହସ୍ତରେ ନ୍ୟସ୍ତ ଥିଲା । ଗଙ୍ଗବଂଶର ରାଜାମାନେ ଜଗନ୍ନାଥଙ୍କୁ ଓଡ଼ିଶାର ରାଜା ବୋଲି ଗ୍ରହଣ କରି ନିଜକୁ ତାଙ୍କର ସାମାନ୍ୟ ରାଉତ ବା ପ୍ରତିନିଧି ରୂପରେ ପ୍ରକାଶ କରି ରାଜ୍ୟ ଶାସନ କରୁଥିଲେ । ସେମାନେ ବହୁତ ଜମିବାଡ଼ି, ସୁନା-ରୂପା, ହୀରାମାଣିକର ଅଳଙ୍କାର ଓ ବହୁ ପ୍ରକାର ବେଶ ଓ ପୂଜାର ଦ୍ରବ୍ୟ ମନ୍ଦିରକୁ ଦାନ କରିଥିଲେ ଓ ନିଜେ ପ୍ରତ୍ୟକ୍ଷ ଭାବରେ ଜଗନ୍ନାଥଙ୍କର ସେବା କାର୍ଯ୍ୟ ବୁଝୁଥିଲେ । ତାଙ୍କ ପରେ ଯେଉଁ ସୂର୍ଯ୍ୟବଂଶୀ ଗଜପତି ରାଜାମାନେ ଓଡ଼ିଶାରେ ଶାସନ କଲେ ସେମାନେ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ପ୍ରଚୁର ଭକ୍ତି କରୁଥିଲେ ଓ ମନ୍ଦିରର ସେବାନୀତି ଯାତ୍ରା ଉତ୍ସବ ଦିଗରେ ବହୁତ ଧ୍ୟାନ ଦେଇଥିଲେ । ଏହି ବଂଶର ରାଜା କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ ଓ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ତଥା ନୀତି-ଉତ୍ସବ ବିଷୟରେ ବୈପ୍ଲବିକ ପରିବର୍ତ୍ତନ ଘଟିଥିଲା ।



କିନ୍ତୁ ଏହା ପରେ ରାଜ୍ୟର ଶାସନରେ ବହୁ ଅସ୍ଥିରତା ଦେଖାଯାଇଥିଲା । ଖ୍ରୀ: ୧୫୬୮ରେ ଓଡ଼ିଶା ଆଫଗାନମାନଙ୍କ ଅଧୀନକୁ ଯାଇଥିଲା ଓ କଳାପାହାଡ଼ ନାମକ ଆଫଗାନ ସେନାପତି ଶ୍ରୀମନ୍ଦିର ଆକ୍ରମଣ କରିଥିଲା । ଇତିମଧ୍ୟରେ ରାମଚନ୍ଦ୍ର ଦେବ, ଖୋର୍ଦ୍ଧାରେ ଯଦୁବଂଶ ପ୍ରତିଷ୍ଠା କରି ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ଦାରୁବିଗ୍ରହ ପୁଣି ନିର୍ମାଣ କରାଇଲେ ଓ ମନ୍ଦିରରେ ସବୁପ୍ରକାର ନୀତି ଓ ଉତ୍ସବ ତଥା ଅନ୍ନଭୋଗ ଚଳାଇଲେ । ଏହାପରେ ଓଡ଼ିଶା ମୋଗଲ ଶାସନାଧୀନ ହେବାପରେ ଶ୍ରୀମନ୍ଦିର ପରିଚାଳନା ଭାର ଖୋର୍ଦ୍ଧାର ରାଜାଙ୍କ ହାତକୁ ବିଧିବଦ୍ଧ ଭାବରେ ଆସିଲା । ସେହି ସମୟରେ ସେ ନିଜ ରାଜ୍ୟର ଆୟରୁ ମନ୍ଦିର ପରିଚାଳନା କରୁଥିଲେ । ଶ୍ରୀକ୍ଷେତ୍ରରେ ଯାତ୍ରୀମାନଙ୍କର ରହିବାର ସୁବ୍ୟବସ୍ଥା ପାଇଁ ଯାତ୍ରୀକର ବସାଯାଇଥିଲା । କିନ୍ତୁ ସେତେବେଳେ ମୋଗଲ ସେନାପତିମାନେ ବାରମ୍ବାର ମନ୍ଦିର ଆକ୍ରମଣ କରୁଥିବାରୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନକୁ ନେଇ ଲୁଚାଇବାକୁ ପଡୁଥିଲା । ମରହଟ୍ଟା ରାଜତ୍ୱ ସମୟରେ ମରାଠୀ ସୁବେଦାରମାନେ ମନ୍ଦିରର ବହୁ ଉନ୍ନତିକର କାର୍ଯ୍ୟ କରିଥିଲେ ଓ କେତେ ବର୍ଷ ପ୍ରତ୍ୟକ୍ଷଭାବରେ ପରିଚାଳନା କରିଥିଲେ । ବ୍ରିଟିଶ ରାଜତ୍ୱ ସମୟରେ କେତେ ବର୍ଷ ଶ୍ରୀମନ୍ଦିର ସରକାରଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ରହିଥିଲା, କିନ୍ତୁ ପରେ ଖୋର୍ଦ୍ଧା ରାଜାଙ୍କ ହସ୍ତରେ ପରିଚାଳନା ଭାର ଅର୍ପଣ କରାଗଲା । ସରକାରଙ୍କ ଆଦେଶରେ ସେ ପରବର୍ତ୍ତୀ ସମୟରେ ପୁରୀରେ ରହିବାରୁ ପୁରୀ ରାଜା ନାମରେ ପରିଚିତ ହେଲେ । ବ୍ରିଟିଶ ସମୟରେ ଯାତ୍ରୀକର ଉଠାଯାଇ ଯେଉଁ ସବୁ ଜମିଦାରୀ ମନ୍ଦିର ପରିଚାଳନା ପାଇଁ ପୁରୀ ରାଜାଙ୍କୁ ଅର୍ପଣ କରାଗଲା, ତାହାର ଆୟରେ ସେ ମନ୍ଦିର ଚଳାଇଲେ । କ୍ରମେ କ୍ରମେ ଶ୍ରୀମନ୍ଦିର ପରିଚାଳନାରେ କେତେକ ପ୍ରକାର ସମସ୍ୟା ଦେଖାଗଲା । ଭାରତ ସ୍ୱାଧୀନ ହେବାପରେ ଓଡ଼ିଶା ସରକାର ଆଇନ ପ୍ରଣୟନ କରି ଶ୍ରୀମନ୍ଦିର ପରିଚାଳନାକୁ ସୁବ୍ୟବସ୍ଥିତ କଲେ । ସ୍ୱତ୍ୱଲିପି ପ୍ରସ୍ତୁତ ହୋଇ ନିତ୍ୟ ନୈମିତ୍ତିକ ପୂଜା ବିଧି, ଯାତ୍ରା-ଉତ୍ସବର ପଦ୍ଧତି, ସେବକମାନଙ୍କର କର୍ତ୍ତବ୍ୟ ଓ ଅଧିକାର ସୁନିରୂପିତ କରାଗଲା । ୧୯୬୦ ମସିହାଠାରୁ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ଦ୍ୱାରା ସରକାରଙ୍କ ଅଧୀନରେ ପରିଚାଳନା କମିଟି ହସ୍ତରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି ଓ ପୁରୀ ଗଜପତି ମହାରାଜା ଏହି ପରିଚାଳନା କମିଟିର ସ୍ଥାୟୀ ଅଧ୍ୟକ୍ଷ ଅଟନ୍ତି ।

ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ କାର୍ଯ୍ୟାଳୟ ବଡ଼ଦାଣ୍ଡଠାରେ ଅବସ୍ଥିତ । ତାହା ବ୍ୟତୀତ ଶ୍ରୀମନ୍ଦିର ମଧ୍ୟରେ ଉତ୍ତର ପାର୍ଶ୍ୱରେ କୂର୍ମବେଢ଼ାକୁ ଲାଗି ଏକ ଶାଖା କାର୍ଯ୍ୟାଳୟ ଓ ନାଟମନ୍ଦିରକୁ ଲାଗି ଅନ୍ୟ ଏକ କାର୍ଯ୍ୟାଳୟ ମଧ୍ୟ ଅଛି ।

●*(ସୌଜନ୍ୟ- ଶ୍ରୀକ୍ଷେତ୍ର ପରିଚୟ (ପୁସ୍ତକ), ଶ୍ରୀମନ୍ଦିର ପ୍ରକାଶନ, ପୁରୀ)*

ଜାଣିବା କଥା ...

## ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀକ୍ଷେତ୍ରରେ 'ଗୁପ୍ତ ଗୁଣ୍ଡିଚା'ର ମହତ୍ୱ କ'ଣ ?

ଉ - ଶ୍ରୀଜଗନ୍ନାଥ ଭାଇ ଓ ଭଉଣୀଙ୍କ ସହିତ ଶ୍ରୀଗୁଣ୍ଡିଚା ଯାତ୍ରା କରୁଥିବାରୁ ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାନ୍ତି । ଏଣୁ ଲକ୍ଷ୍ମୀ ଆଶ୍ୱିନ ମାସ ଶୁକ୍ଳ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ମାଧବଙ୍କ ସହିତ ଦୁର୍ଗା ରୂପରେ ଯାତ୍ରା କରୁଥିବାରୁ ଏହା 'ଗୁପ୍ତ ଗୁଣ୍ଡିଚା' ବା ଶାକ୍ତ ଗୁଣ୍ଡିଚା ନାମରେ ଅଭିହିତ ।

୨. ପ୍ର - ଶ୍ରୀମନ୍ଦିରର କେଉଁ ସ୍ଥାନ 'ଗୁପ୍ତ ବୃନ୍ଦାବନ' ଭାବେ ପରିଚିତ?

ଉ - କୋଇଲି ବୈକୁଣ୍ଠ ମଧ୍ୟସ୍ଥିତ ଜନ୍ନକୁଞ୍ଜ ଠାରୁ ପଶ୍ଚିମ ଦ୍ୱାର ପର୍ଯ୍ୟନ୍ତ ବିସ୍ତାରିତ ପ୍ରଭୁଙ୍କର ପୁଷ୍ପୋଦ୍ୟାନ ଗୁପ୍ତ ବୃନ୍ଦାବନ ନାମରେ ନାମିତ ।

୩. ପ୍ର - ଶ୍ରୀମନ୍ଦିରର ପୂଜା-ପର୍ବରେ 'ଗୁରୁ ବାର' କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ - ବୃହସ୍ପତିଙ୍କ ବାର । ଲକ୍ଷ୍ମୀଙ୍କର ବାର । ହିନ୍ଦୁମାନଙ୍କ ମତରେ ଏହା ଲକ୍ଷ୍ମୀବାର ହୋଇଥିବାରୁ ଲୋକେ ଏହି ଦିନକୁ ଏକ ପବିତ୍ର ଦିନ ରୂପେ ଗ୍ରହଣ କରନ୍ତି ଓ ଏହି ଦିନ ଲକ୍ଷ୍ମୀ ପୂଜା ହୁଏ । ଓଡ଼ିଶାରେ ମାର୍ଗଶିର ମାସ ଗୁରୁବାର ଲକ୍ଷ୍ମୀଙ୍କ ପୂଜା ନିମନ୍ତେ ଖ୍ୟାତ । ଏହି ବ୍ରତକୁ ମାଣବସା ଗୁରୁବାର କୁହାଯାଏ । ଏହି ଦିନ ଶ୍ୱେତ ଧାନ ଉପରେ ମାଣବସାଯାଇ ଶ୍ରୀଲକ୍ଷ୍ମୀଙ୍କୁ ପୂଜା ଆରଧନା କରାଯାଏ । ଶ୍ରୀମନ୍ଦିରରେ ପ୍ରତ୍ୟେକ ଗୁରୁବାର ଦିନ ମାଜଣା ମଣ୍ଡପରେ ରତ୍ନ ସିଂହାସନରୁ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ଅଣାଯାଇ ଦକ୍ଷିଣଘରୁ ମଦନମୋହନଙ୍କୁ ଆଣି ମାଜଣା ମଣ୍ଡପରେ ବିଜେ କରାଇ ତିନି ସରା ଦହି ଓ କୋରା ମଣୋହି କରାଇ ଅକ୍ଷତ ବନ୍ଦାପନା କରାଯାଏ ।

୪. ପ୍ର - ଶ୍ରୀମନ୍ଦିର ସେବା ପରମ୍ପରାରେ 'ଗୋଚ୍ଛିକାର ସେବା'ର ଭୂମିକା କ'ଣ ?

ଉ - ଏହି ସେବକମାନେ ଗୌରୀ ବେତଧରି ଜୟ-ବିଜୟ ଦ୍ୱାର ଜଗନ୍ତି । ମନ୍ଦିରକୁ ନିଷେଧ ସମୟରେ ଦ୍ୱାର ଠାରେ ଭିତରକୁ ଯାତ୍ରୀ ଯିବା ନିଷେଧ ବା ବାରଣ କରନ୍ତି । ପୂର୍ବରେ ଶାଢ଼ୀ ବନ୍ଧାରେ, ଚାମର, ଆଲଟ ସେବାରେ, ବ୍ରତଭେଟି ଓ ଯାତ୍ରୀମାନେ ଜୟ-ବିଜୟଙ୍କୁ ଭେଟି ଦେଲେ ଏମାନେ ଗ୍ରହଣ କରିଥାନ୍ତି ।

୫. ପ୍ର - ଶ୍ରୀମନ୍ଦିରରେ 'ଗୋଦାମ ଘର' କ'ଣ ଗୁରୁତ୍ୱ ବହନ କରେ ?

ଉ - ଶ୍ରୀମନ୍ଦିର ବେଢ଼ା ଭିତରେ ଥିବା ଏକ ଗୃହ । ଏଠାରେ ସବୁ ଜିନିଷ ଜମା ହୋଇଥାଏ । ଦରକାରୀ ଜିନିଷମାନ ପୂର୍ବଦିନ ଠାରୁ କଢ଼ାଯାଇ ରୋଷରେ ମହାସୁଆର ଜିମାରେ ରଖାଯାଏ । ଗୋଦାମରେ ଜଣେ ଦାରୋଗା ଓ ତିନିଜଣ ଯୋଗାଣିଆ ମଧ୍ୟ ରହିଥାନ୍ତି ।

୬. ପ୍ର - ଶ୍ରୀମନ୍ଦିରରେ 'ଗୋବର ଲିପା'ର ମହତ୍ତ୍ୱ କ'ଣ ?

ଉ - ଶ୍ରୀଜଗନ୍ନାଥଙ୍କ ନବକଳେବରରେ ଦାରୁ ନିର୍ଦ୍ଧାରିତ ହୋଇସାରିଲା ପରେ ଦାରୁଙ୍କ ଚାରିପାଖରେ ପ୍ରଥମେ ଗୋବର ଲିପା ହୋଇ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇଥାଏ ।

● ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର

## ପରିଶିଷ୍ଟ - 'ଖ'

### (୧)- ୧୯୨୧ ମସିହା ପୁରୀ ରଥଯାତ୍ରା

(ଅମୃତ ବଜାର ପତ୍ରିକା, ଜୁଲାଇ ୧୨ ତାରିଖ)

କଟକ, ଜୁଲାଇ - ୩- ଆଜି ପୁରୀରେ ରଥଯାତ୍ରା ଅନୁଷ୍ଠିତ ହେଉଅଛି । ପ୍ରାୟ ପଚିଶ ହଜାର ଲୋକ ରଥଟଣାରେ ଅଂଶ ଗ୍ରହଣ କରିଛନ୍ତି । ସେଠାରେ ହଇଜା ମହାମାରୀ ଉତ୍କଟ ରୂପ ଧାରଣ କରିଛି । ରୋଗ ନିୟନ୍ତ୍ରଣ ନିମନ୍ତେ ଉପଯୁକ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

(ଅନୁବାଦିତ)

### (୨)- ୧୯୨୨ ମସିହା ଶ୍ରୀମନ୍ଦିର ସଂପର୍କୀତ ସଂବାଦ


(ଅମୃତ ବଜାର ପତ୍ରିକା, ଜୁଲାଇ ୨ ତାରିଖ)

ଜଗନ୍ନାଥ ମନ୍ଦିର, ପୁରୀ ।

ସ୍ୱଦେଶୀ ବସ୍ତ୍ର ବ୍ୟବହାର ନିମନ୍ତେ ସାଧାରଣ ବୈଠକ ।

ପୁରୀ, ଜୁନ୍- ୩୦- ଶ୍ରୀଯୁକ୍ତ ଯୋଗେଶ ଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଅଧକ୍ଷତାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ମନ୍ଦିର ପରିଚାଳକ ଏବଂ ପୂଜକମାନଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ମଧରେ ଧର୍ମର ପବିତ୍ରତା ରକ୍ଷା କରିବା ଲାଗି କେବଳ ସ୍ୱଦେଶୀ ବସ୍ତ୍ର ବ୍ୟବହାର କରିବା ନିମନ୍ତେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା ।

(ଅନୁବାଦିତ)



### (୩)- ୧୯୨୬ ମସିହା ପୁରୀ ରଥଯାତ୍ରା

(ଅମୃତ ବଜାର ପତ୍ରିକା, ଜୁଲାଇ ୧୫ ତାରିଖ)

ପୁରୀରେ ରଥଯାତ୍ରା ।

ଭାରତ ସେବାଶ୍ରମ ସଂଘର ସେବାକାର୍ଯ୍ୟ ।

ପୁରୀ, ଜୁଲାଇ - ୧୩- ସ୍ୱାମୀ ସଚ୍ଚିଦାନନ୍ଦ ଏବଂ ଜ୍ଞାନାନନ୍ଦ ଜଣେ ଡାକ୍ତର ଏବଂ କିଛି ସ୍ୱେଚ୍ଛାସେବକଙ୍କ ସହିତ ପୁରୀରେ ପହଞ୍ଚି ସେଠାରେ ତିନୋଟି ସେବାକେନ୍ଦ୍ର ଖୋଲି ଯାତ୍ରୀମାନଙ୍କ ସ୍ୱାଚ୍ଛନ୍ଦ ନିମନ୍ତେ ସେବା କାର୍ଯ୍ୟ ଆରମ୍ଭ କରିଛନ୍ତି । ସଂଘର ସ୍ୱେଚ୍ଛାସେବକମାନେ ନିଷ୍ଠାପର ଭାବରେ ରେଲଷ୍ଟେସନରେ ରହି ଯାତ୍ରୀମାନଙ୍କୁ ଡାକ୍ତରୀ ସାହାଯ୍ୟ ଏବଂ ପିଇବା ପାଣି ଯୋଗାଇ ଦେଇଥିଲେ । ସଂଘର ସେବାକାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଥିଲା । ଏ ବର୍ଷ ଯାତ୍ରୀମାନଙ୍କ ସଂଖ୍ୟା ପ୍ରତିବର୍ଷ ତୁଳନାରେ ଅଧିକ ଥିଲା ।

(ଅନୁବାଦିତ)

(କ୍ରମଶଃ...)

ଐତିହ୍ୟ ପୃଷ୍ଠାରୁ ...

## ମାଧବୀଦାସୀଙ୍କ ପହିଲିଭୋଗ ଭଜନ 'ମା ସରଗ'

ଓଡ଼ିଆ ସାହିତ୍ୟରେ ଚବିଶି ବିଭାଗ ମଧରେ ଭଜନ, ଜଣାଣ ଓ ପ୍ରାର୍ଥନା ଖୁବ୍ ଲୋକପ୍ରିୟ । ଏହି ତିନୋଟି ବିଭାଗ ବିଶେଷ ଭାବରେ ମହାପ୍ରଭୁଙ୍କୁ ନେଇ ସମୃଦ୍ଧ । ସେଥିପାଇଁ ସାରିଆ ଭିକଙ୍କର 'ଥକାମନ ଚାଲଯିବା...' ଗୋଟିଏ କୃତି ହେଲେ ମଧ, କବି ଘରେ ଘରେ ପରିଚିତ । ସେହିପରି ସଂସ୍କୃତ ବିଦ୍ୱାନ, ଦାର୍ଶନିକ, ନାଟ୍ୟକାର ରାୟ ରାମାନନ୍ଦଙ୍କର କକା ଝିଅ ଭଉଣୀ 'ଜଗଜୀବନ' ଭଜନ ପାଇଁ ଲୋକପ୍ରିୟ । ତାଙ୍କର ଦ୍ୱିତୀୟ ଭଜନ ଲୋକଲୋଚନକୁ ଆସିବା ପରେ ତୃତୀୟ ଭଜନଟିକୁ ସମସ୍ତଙ୍କ ଅବଗତି ନିମନ୍ତେ ପ୍ରକାଶ କରିଥିଲେ ପଦ୍ମଶ୍ରୀ ସଦାଶିବ ରଥଶର୍ମା ।



ସେଇ ମହିୟସୀ ଭକ୍ତ, କବି ଓ ନାଟ୍ୟକାର ହେଲେ 'ମାଧବୀ ଦାସୀ', କାଂଚୀ ଅଭିଯାନକୁ ନେଇ ସଂସ୍କୃତରେ ସେ ଲେଖିଥିଲେ 'ପୁରୁଷୋତ୍ତମ ନାଟକମ୍' । ତୃତୀୟ ଭଜନଟି ମହାପ୍ରଭୁଙ୍କ 'ପହିଲିଭୋଗ' ନୀତିରୁ ଆରମ୍ଭ ହୋଇଛି । ଆମେ ଜାଣେ ମାଧବୀ ଦାସୀ ହେଉଛନ୍ତି ପ୍ରଥମ ନାରୀଭକ୍ତ, ଯିଏ ଶ୍ରୀଚୈତନ୍ୟଙ୍କ ପୁରୀ ସତ୍‌ସଙ୍ଗରେ ବସିବାର ସୌଭାଗ୍ୟ ପାଇଥିଲେ । ତା ପୂର୍ବରୁ ଶ୍ରୀଚୈତନ୍ୟଙ୍କ ସତ୍‌ସଙ୍ଗରେ ନାରୀଯୋଗ ଦେବାରେ ପ୍ରଥା ନଥିଲା ।

ଧନୁ ସଂକ୍ରାନ୍ତି ଠାରୁ ଏକମାସ ଧରି ଆରମ୍ଭ ହେଉଥିବା 'ପହିଲି ଭୋଗ' ନୀତିରେ ସକାଳ କୀର୍ତ୍ତନ କି ବାଦ୍ୟ ବାଜେ ନାହିଁ । 'ମଣିମା' ଡାକରେ ଦ୍ୱାର ଫିଟେ । ସାତୋଟି ଭୋଗଦ୍ରବ୍ୟ ରୋଷରେ ପ୍ରସ୍ତୁତ ହୋଇ 'ବଲ୍ଲଭ' ସହିତ ଭୋଗ ଲାଗେ ମହାପ୍ରଭୁଙ୍କୁ ।

ଏହାକୁ ନେଇ ପୁଷ ମାସରେ ସାନ୍ତାଣୀ ବାପ ଘରକୁ ଯାନ୍ତି, ତାଙ୍କ ବାପ ଘର ଚକ୍ରତୀର୍ଥରେ, ଆସିଲାବେଳେ ଭାର ଆଣନ୍ତି...ଇତ୍ୟାଦି ସହିତ ପହିଲିଭୋଗର ବାସ୍ତବ ସଂପର୍କ ନାହିଁ । ଓଡ଼ିଆ ଘରର ପରମ୍ପରା ଅନୁଯାୟୀ ଲୋକ ବିଶ୍ୱାସରେ ଏହା ପ୍ରଚଳିତ । ଶ୍ରୀଦେବୀ ସେ ମାସରେ ରତ୍ନସିଂହାସନରୁ ଅନ୍ତର ହୁଅନ୍ତି ନାହିଁ । ଏହା ଏକ ବାତ୍ସଲ୍ୟ ଭକ୍ତି ନୀତି । ସେଥିପାଇଁ ମାଧବୀ ଦାସୀ ଲେଖିଛନ୍ତି-

ଧନୁମାସ ହେଲା ପହିଲି ଭୋଗ, ମା ସରାଗ
ରାତି ନ ପାହୁଣୁ କାଉ କା ନ କରୁ
ଭୁଂଜାଇ ଦିଅନ୍ତି ଲଘୁ ଦରବ, ମା ସରାଗ ।।୧।।
ବଡ଼ି ଚୂଡ଼ାପୁଆ, ମୁଆଁ ଟାକୁଆ, ଗୁଟି ଲବଣୀ
ପାହାନ୍ତି ପହରେ ମଣୋହି କରାନ୍ତି
ଆପଣା ହାତରେ ନନ୍ଦ ଘରଣୀ, ଗୁଟି ଲବଣୀ ।।୨।।
ହସ ହସ ମୁଖ ନବ କିଶୋର, ଶ୍ରୀମୁଖ ଦେଖ
ଦୁଆର ଫିଟିଲେ ଦୂରୁ ଦିଶିଯାଏ
ପାଗପଟିବନ୍ଧା କଳା ଶ୍ରୀମୁଖ, ଶ୍ରୀମୁଖ ଦେଖ ।।୩।।
ଦରଶନ ସୁଖ ସରଗୁ ବଳି, ନାହିଁ ଗହଳି
ମାତା ଯଶୋବତୀ ସେବା କରିଥାନ୍ତି
ମୁଖ ଦରଶନେ ଜିଣିବ କଳି । ନାହିଁ ଗହଳି ।।୪।।
କହଇ ମାଧବୀ ଦାସୀ ଚରଣେ, ପଶି ଶରଣେ
ଏହି ଦରଶନ ମିଳୁଥାଉ ପ୍ରଭୁ
କ୍ଷେତ୍ରବାସୀ, ଦୀନ ଭାଗ୍ୟର ପଣେ, ପଶି ଶରଣେ ।।୫।।

ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଐତିହ୍ୟ ବିଶାରଦ (ଦୋଳମଣ୍ଡପ ସାହି), ପୁରୀ-୧

# ଫଟୋରେ ଖବର ...



ତା. ୨.୪.୨୨ରେ ସର୍ବୋଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ଡି.ୱାଇ.ଚନ୍ଦ୍ରଚୂଡ଼ ସସ୍ତ୍ରୀକ ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା ଏବଂ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା. ୬.୪.୨୨ରେ ଶ୍ରୀମନ୍ଦିର ନୂତନ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ ଅବ୍ୟବହିତ ପୂର୍ବରୁ ମହାପ୍ରଭୁଙ୍କ ଦର୍ଶନ ପରିପ୍ରେକ୍ଷୀରେ ପରିଚାଳନା କମିଟି ସଦସ୍ୟମାନେ 'ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ' ପ୍ରଦାନ କରୁଅଛନ୍ତି



ତା. ୬.୪.୨୨ରେ ଶ୍ରୀମନ୍ଦିର ନୂତନ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ ଶ୍ରୀମନ୍ଦିରର ପ୍ରଶାସନିକ ଅଧିକାରୀମାନଙ୍କ ଗହଣରେ ମହାପ୍ରଭୁଙ୍କ ଦର୍ଶନ ସାରି କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ ନିମନ୍ତେ ଆଗମନ କରୁଅଛନ୍ତି ।



ତା. ୧୦.୪.୨୨ରେ ସର୍ବୋଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ବିନିତ୍ କୁମାର ଶରଣ ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ କୁମାର ବର୍ମାଙ୍କ ଗହଣରେ ଶ୍ରୀବିଗ୍ରହମାନଙ୍କର ଦର୍ଶନ ସାରି ଫେରୁଅଛନ୍ତି



ତା. ୧୦.୪.୨୨ରେ ଚଳିତ ବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ପରମ୍ପରା ଅନୁଯାୟୀ ପବିତ୍ର ଶ୍ରୀରାମନବମୀ ତିଥିରେ ରଥ କାଠ ଚିରଟ ଅନୁକୂଳ ପାଇଁ ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ଶ୍ରୀ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ 'ମାଳ-ମାହାର୍ଦ୍ଧ' ସହ ଶ୍ରୀକ୍ଷେତ୍ରରୁ କଟକ ଖପୁରିଆସ୍ଥିତ କରତ କଳକୁ ଯାତ୍ରା କରୁଅଛନ୍ତି



ତା. ୧୦.୪.୨୨ରେ ଚଳିତ ବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ଶ୍ରୀରାମନବମୀ ଅବସରରେ କଟକ ଖପୁରିଆସ୍ଥିତ ସରକାରୀ ସ-ମିଲ୍‌ରେ ଶ୍ରୀମନ୍ଦିର ରଥ ଅମିନ ଶ୍ରୀ ଲକ୍ଷ୍ମଣ ମହାପାତ୍ର ପୂଜାର୍ଚ୍ଚନା ପୂର୍ବକ 'ରଥ କାଠ ଚିରଟ ଅନୁକୂଳ' କରୁଅଛନ୍ତି

# ଫଟୋରେ ଖବର...



ତା. ୧୨.୪.୨୨ରେ ନୀଳାଦ୍ରି ଭକ୍ତ ନିବାସ ଠାରେ
ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ
ଆହୂତ 'ଛତିଶା ନିଯୋଗ' ବୈଠକ



ତା. ୧୨.୪.୨୨ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର
ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ ଶ୍ରୀମନ୍ଦିର ସେବକ ପରିବାରର
ମେଧାବୀ ଛାତ୍ର-ଛାତ୍ରୀମାନଙ୍କୁ 'ଆର୍ଥିକ ପ୍ରୋତ୍ସାହନ ରାଶି' ପ୍ରଦାନ କରୁଅଛନ୍ତି



ତା. ୧୨.୪.୨୨ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ପ୍ରଶାସନ
ତରଫରୁ ପ୍ରକାଶିତ 'ଓଡ଼ିଆ ନବ ବର୍ଷ କ୍ୟାଲେଣ୍ଡର'କୁ ଶ୍ରୀମନ୍ଦିର ମୁଖ୍ୟ
ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ ଲୋକାର୍ପଣ କରୁଅଛନ୍ତି



ତା. ୨୨.୪.୨୨ରେ ନୀଳାଦ୍ରି ଭକ୍ତ ନିବାସ ଠାରେ
ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ
'ଶ୍ରୀମନ୍ଦିର ପରିଚାଳନା କମିଟି' ବୈଠକ



ତା. ୨୪.୪.୨୨ରେ ସର୍ବୋଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି
ଶ୍ରୀଯୁକ୍ତ ରବୀନ୍ଦ୍ର ଭଟ୍ଟ ସସ୍ତ୍ରୀକ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନଙ୍କ
ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା. ୨୪.୪.୨୨ରେ ସାହିଯାତର ଅନ୍ତିମ ପର୍ଯ୍ୟାୟରେ
ଗୌଡ଼ବାଡ଼ ସାହି ତରଫରୁ ଭରତଙ୍କ ଦ୍ୱାରା ଶ୍ରୀରାମଙ୍କୁ ନନ୍ଦିଗ୍ରାମ
ଠାରେ ପାଦୁକା ହସ୍ତାନ୍ତର ଲୀଳା

# ଅତିବଡ଼ରୁ ଅଷ୍ଟଭୁଜ

ଓଡ଼ିଆ ଭାଗବତ ରଚୟିତା ଜଗନ୍ନାଥ ଦାସଙ୍କୁ ଶ୍ରୀଚୈତନ୍ୟ ଅତିବଡ଼ ବୋଲି ସମ୍ବୋଧନ କରିଥିଲେ । ସଂସ୍କୃତ ଭାଗବତ ମହାପୁରାଣକୁ ବ୍ୟାଖ୍ୟା କରି ସେ ଭକ୍ତ ଜନସାଧାରଣଙ୍କୁ ପ୍ରତିଦିନ ଶୁଣାଉଥିଲେ । ସେ ଶାନ୍ତସ୍ୱଭାବ, ଧୀରମତି, ସଦାଶୟ, ସଦାନନ୍ଦମୟ ସାଧୁ ଥିଲେ । ସେ ସକଳ ଶାସ୍ତ୍ରରେ ନିପୁଣ ଥିଲେ । ପାପ ପୁଣ୍ୟ କଥା ତର୍ଜମା କରି ବୁଝାଉଥିଲେ । କଳିଯୁଗରେ ଘୋର ସଂସାରରୁ ତରିବା ନିମନ୍ତେ ସର୍ବଦା ଚିନ୍ତା କରୁଥିଲେ । ସେ ସ୍ଥିର କଲେ ଯେ ଭକ୍ତିବିନା ସଂସାର ପାରାବାରକୁ ପାରିହେବା ସମ୍ଭବପର ନୁହେଁ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଦପଦ୍ମରେ ଚିତ୍ତ ଲଗାଇ ସଂସାରରୁ ଉଦ୍ଧାର ପାଇବା ପାଇଁ ଉପାୟ ବତାଇ ଦେବାକୁ ପ୍ରାର୍ଥନା କରୁଥିଲେ । ଦିନକର କଥା । ଦାସେ ଗାଢ଼ ନିଦ୍ରାରେ ଶୋଇଛନ୍ତି । ରାତ୍ର ଅର୍ଦ୍ଧବେଳକୁ ସେ ସ୍ୱପ୍ନରେ ଦେଖିଲେ ମହାପ୍ରଭୁ ତାଙ୍କ ସମ୍ମୁଖରେ ଶଙ୍ଖଚକ୍ର ଗଦାପଦ୍ମ ହସ୍ତରେ ଉଭା ହୋଇଛନ୍ତି । ସ୍ୱପ୍ନରେ ମହାପ୍ରଭୁଙ୍କ ପାଦତଳେ ଦାସେ ଗଡ଼ଘାଲି ଶୋଇଗଲେ । ମହାପ୍ରଭୁ ତାଙ୍କୁ ସ୍ନେହରେ ତଳୁ ଉଠାଇ କହିଲେ, 'ତୁମେ ସଂସ୍କୃତ ଭାଗବତ ଗ୍ରନ୍ଥକୁ ଓଡ଼ିଆ ଭାଷାରେ ଅନୁବାଦ କର ।' ଶ୍ରୀମଦ୍ ଭାଗବତ ମହାପୁରାଣ ଶ୍ରେଷ୍ଠ ଧର୍ମଗ୍ରନ୍ଥ । ତାକୁ ଅନୁବାଦ କରିବା ସହଜ ସାଧ ନୁହେଁ । ଦାସେ



ଆପଣାକୁ ଏଭଳି ମହାନ୍ କାର୍ଯ୍ୟ କରିବାକୁ ଅସମର୍ଥ ମଣିଲେ । ମହାପ୍ରଭୁ ଅଭୟ ପ୍ରଦାନ କରି କହିଲେ ଆମ୍ଭର ଆଦେଶ ବହନ କରି ତୁମ୍ଭେ ଆଗେଇ ଚାଲ । ସବୁ ବାଧାବିଘ୍ନ ଦୂର ହୋଇଯିବ । ତା' ପରଦିନ ସକାଳୁ ଦାସେ ଭାଗବତ ରଚନା ଆରମ୍ଭ କରିଦେଲେ । ସଂସ୍କୃତ ଭାଷାରେ ବ୍ୟାସଦେବଙ୍କ ଦ୍ୱାରା ବିରଚିତ ମହାପୁରାଣକୁ କେବଳ ଅକ୍ଷରାନୁବାଦ ନ କରି ଓଡ଼ିଆ ଭାଷାରେ ପ୍ରତିଶ୍ଳୋକର ବ୍ୟାଖ୍ୟା କରିଗଲେ । କଳ୍ପବଟ ମୂଳେ ବଟ ଗଣେଶଙ୍କ ସମ୍ମୁଖରେ ବସି ଆପଣାର ଅନୁବାଦ ଶ୍ରୋତାମାନଙ୍କ ସମ୍ମୁଖରେ ଆବୃତ୍ତି କରି ଶୁଣାଇଲେ । ମୂଳ ସଂସ୍କୃତ ଶ୍ଳୋକ ପଢ଼ି ତାକୁ ଅନୁବାଦ କରି ଶୁଣାଇବା ଅପେକ୍ଷା ଏହି ଅନୁବାଦ ଅଧିକ ଶ୍ରୁତିମଧୁର ଏବଂ ହୃଦୟଗ୍ରାହୀ ହେଲା । ଏପରି ଏକ ଭାବଘନ ମୁହୂର୍ତ୍ତରେ ଶ୍ରୀଚୈତନ୍ୟ ସେଠାରେ ପହଞ୍ଚି ଦାସଙ୍କୁ କୋଳାଗ୍ରତ କରି ଅତିବଡ଼ ବୋଲି ସମ୍ବୋଧନ କରିଥିବା ଭକ୍ତମାନେ କହନ୍ତି । ଦିନେ ଗଜପତି ମହାରାଜା ପ୍ରତାପରୁଦ୍ର ଦେବ ଦକ୍ଷିଣ ଦ୍ୱାର ଦେଇ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିବାବେଳେ କଳ୍ପବଟମୂଳେ ଦାସଙ୍କ ଭାଗବତ ପାଠ ଓ ବ୍ୟାଖ୍ୟାଶୁଣି ଦଣ୍ଡେ ଅଟକି ଗଲେ । ସେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ଭାଗବତ ପାଠ କରି ବୁଝାଉଥିବା ଲୋକଟି ସାଧାରଣ ମଣିଷ ନୁହନ୍ତି । ପୀତାମ୍ବର ବନମାଳା ଧାରଣ କରିଥିବା ଅଷ୍ଟଭୁଜ ବିଶିଷ୍ଟ ଏକ ଦେବପୁରୁଷ । ଆଠଟି ହସ୍ତରେ ଶଙ୍ଖଚକ୍ର, ଗଦାପଦ୍ମ, ଧନୁଶର ଏବଂ ମୁରଲି ଧାରଣ କରିଛନ୍ତି । ଆଖି ମଳି ମଳି ମହାରାଜା କେତେଥର ଦେଖିଲେ ସେଇ ଏକା ଦେବପୁରୁଷ ତାଙ୍କ ସମ୍ମୁଖରେ ବିଜେ ହେବାପରି ଜଣାଗଲା । ଏହି କଥା ଚତୁର୍ଦ୍ଦିଗରେ ପ୍ରଚାର ହୋଇଗଲା । ଅତିବଡ଼ ଜଗନ୍ନାଥ ଦାସ ହେଉଛନ୍ତି ଅଷ୍ଟଭୁଜ ବିଶିଷ୍ଟ ସାଧୁ ମହାତ୍ମା । ଏହି ଅଷ୍ଟଭୁଜ ମୂର୍ତ୍ତି ଶ୍ରୀମନ୍ଦିରର ସାତ ପାହାଚ ଉପରକୁ ଉଠିଗଲାବେଳେ ନାଟ ମନ୍ଦିରର ସ୍ତମ୍ଭରେ ଅଙ୍କା ହୋଇ ରହିଛି । ଶେଷ ଜୀବନରେ ଦାସେ ସାତଲହଡ଼ି ମଠରେ ସାଧନା କରୁଥିଲେ । ସେଠାରେ ବାଲିରେ ଗୋଟିଏ ଖାତ ଖୋଳି ଭଙ୍ଗା କୋଡ଼ୁଆରେ ସଜାଇ ଏକ ଗୁମ୍ଫା ନିର୍ମାଣ କରିଥିଲେ । ସେହି ଗୁମ୍ଫାରେ ବସି ଭାଗବତର ଶେଷ ଭାଗ ରଚନା କରୁଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ଅନ୍ତିମଲୀଳା ବର୍ଣ୍ଣନା କଲାବେଳେ ଲେଖିଲେ,-

'ଶ୍ରୀକୃଷ୍ଣ ଯେଉଁ ପଥେ ଗଲେ ।
ଦେବେ ତା କେବେ ନ ଜାଣିଲେ ।'

ଶୁନ୍ୟ ପୁରୁଷୋତ୍ତମ ଶୂନ୍ୟରେ ମିଶିଯିବା ବର୍ଣ୍ଣନା କରୁ କରୁ ଦାସଙ୍କ ଲେଖନୀ ଆପେ ଆପେ ଲେଖିଗଲା-

'କହଇ ଦାସ ଜଗନ୍ନାଥ, ଏବେ ମୁଁ ହୋଇଲି ଅନାଥ ।'

ତାଳପତ୍ର ଖେଦା ଏବଂ ଲେଖନୀ ଉପରେ ମସ୍ତକ ରଖି ଦାସେ ଚାଲିଲେ ଶୂନ୍ୟପଥେ । ପରବର୍ତ୍ତୀ ପାଠର ଅନୁବାଦ କରିଛନ୍ତି ତାଙ୍କ ପଞ୍ଚଶିଷ୍ୟ ମହାଦେବ ଦାସ ।

*ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*
*ମଂଗଳାଘାଟ ରୋଡ଼, ପୁରୀ-୧*

## ମେ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୩.୫.୨୨ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରା ଆରମ୍ଭ |
| ତା. ୯.୫.୨୨ ରିଖ ସୋମବାର | ଶ୍ରୀମନ୍ଦିରରେ ନୀଳାଦ୍ରୀ ମହୋଦୟାଷ୍ଟମୀ |
| ତା. ୧୨.୫.୨୨ ରିଖ ଗୁରୁବାର | ଶ୍ରୀମନ୍ଦିରରେ ମୋହିନୀ ଏକାଦଶୀ |
| ତା. ୧୪.୫.୨୨ ରିଖ ଶନିବାର | ଶ୍ରୀମନ୍ଦିରରେ ନୃସିଂହ ଜନ୍ମ |
| ତା. ୨୨.୫.୨୨ ରିଖ ରବିବାର | ଶ୍ରୀମନ୍ଦିରରେ ଭଉଁରୀ |
| ତା. ୨୬.୫.୨୨ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ଏକାଦଶୀ |
| ତା. ୩୦.୫.୨୨ ରିଖ ସୋମବାର | ଶ୍ରୀମନ୍ଦିରରେ ସାବିତ୍ରୀ ଅମାବାସ୍ୟା, ଜଳକ୍ରୀଡ଼ା |

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ **'ହୁଣ୍ଡି'** ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : jagannath.or@nic.in * Web Site : www.shreejagannatha.in**
**Printed at : Rama Press, North Gate, Puri**
ମୂଲ୍ୟ : ଦୁଇଟଙ୍କା ମାତ୍ର